# Akashvani, Sambalpur

## SAMBALPURI NEWS BULLETIN

### 21 June 2024- 6.47- 6.52 am.

**********************************************

ଯୋଗ ଦିବସ୍-ଦେଶ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ସାରା ଦେଶେ ଆନ୍ତର୍ଜାତୀୟ ଯୋଗଦିବସ ପାଲନ୍ କରାଯାଉଛେ । ୨୦୧୫ ମସିହାନୁ ଜୁନ୍ ୨୧ ତାରିଖ୍ ଦିନ ଫି ବଛର୍ ସାରା ପୁର୍‌ଥି ନ ଯୋଗ ଦିବସ୍ ପାଲିତ୍ ହେଇଆସୁଛେ । ମାନସିକ ଆଉ ଶାରୀରିକ ସୁସ୍ଥତା ଲାଗି ଯୋଗର ମହତ୍ୱ ରହିଛେ । ହେଥିର୍‌ଲାଗି ଫି’ ଦିନ ଯୋଗକେ ନିଜର୍ ଜୀବନ୍‌ଥି ସାମିଲ୍ କର୍‌ବାର୍ ଦର୍‌କାର୍ ଆଏ । ଇ ବଛର୍ ଯୋଗ ଦିବସ୍‌ର ବାର୍ତା ହେଉଛେ ‘ନିଜର୍ ଲାଗି ଆର୍ ସମାଜ୍ ଲାଗି ଯୋଗ’ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜମ୍ମୁ କାଶ୍ମୀର୍-ଶ୍ରୀନଗର୍ ନ ହେଇଥିବା ଆନ୍ତର୍ଜାତୀୟ ଯୋଗ ଦିବସ୍‌ର ଦଶମ ସଂସ୍କରଣ୍‌ଥି ଯୋଗ୍ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ଜାମ୍ମୁ କାଶ୍ମୀର୍ ଉପ ରାଜ୍ୟପାଲ୍ ମନୋଜ୍ ସିହ୍ନା, କେନ୍ଦ୍ରମନ୍ତ୍ରୀ ପ୍ରତାପ୍ ରାଓ ଗଣପତ୍ ରାଓ ଯାଦବ୍ ଆର୍ ଭିନ୍ ଭିନ୍ ବର୍ଗର୍ ୭ ହଜାର୍‌ନୁ

ଅଏତ୍‌କା ଲୋକ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଉଦ୍‌ବୋଧନ୍ ଦେଇକରି ଯୋଗ କରିଥିବା ବିଶ୍ୱବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସେ କହିଛନ୍ ଯେ, ସାରା ପୁର୍‌ଥି ନ ଯୋଗ କରୁଥିବା ଲୁକ୍‌କର୍ ସଂଖ୍ୟା ବଢ଼୍‌ବାର୍‌କେ ଲାଗିଛେ । ଯୋଗ ସକାରାତ୍ମକ ଶକ୍ତି ଦେଉଥିବାର୍‌ନୁ ଲୋକ୍‌ମାନେ ଯୋଗ କର୍‌ବାର୍ ଲାଗି ନିଜ୍‌କେ ସମର୍ପିତ କରିଛନ୍ ।

ସେନ୍ତା ୨୦୧୫ ମସିହାଥି ଆନ୍ତର୍ଜାତୀୟ ଯୋଗ ଦିବସ୍‌କେ ସ୍ୱୀକୃତି ମିଲିଥିବା ସମୟକେ ସୋର୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଇ ଦିବସ୍ ପାଲନ୍ କର୍‌ବାର୍ ଲାଗି ଭାରତ୍‌ର ପ୍ରସ୍ତାବ୍‌କେ ଶହେ ୭୭ ଟା ଦେଶ୍ ସମର୍ଥନ୍ କରିଥିଲେ । ସେନ୍ତା ତୁର୍କମିନିସ୍ଥାନ୍ ନ ମୁଲ୍ ହେଇଥିବା ପାରମ୍ପାରିକ୍ ଉଷୋ ଆର୍ ଯୋଗକେନ୍ଦ୍ର ବିଷେଥି ପ୍ରଧାନ୍‌ମନ୍ତ୍ରୀ ଆଲୋକପାତ କରିଛନ୍ ।

ଯୋଗଦିବସ୍- ରାଜ୍ୟ ଆର୍‌ଏନ୍‌ୟୁ ସମ୍ବଲପୁର/ନୂଆପଡ଼ା

ଯୋଗ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ରାଜ୍ୟସ୍ତରୀୟ ଯୋଗଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇଛନ୍ । ତାଙ୍କର୍ ସହେତେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭିଲ୍ ଯୋଗ୍ ଦେଇଥିଲେ । ଇ

ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଯୋଗ ହେଉଛେ ଭାରତୀୟ ଦର୍ଶନ୍ ଆଉ ଜ୍ଞାନପୁଞ୍ଜର ଗୁଟେ ଅନୁଭୂତିସିଦ୍ଧ ବିଭବ । ପ୍ରାଚୀନ ଭାରତୀୟ ସଂସ୍କୃତିନୁ ଉଭବ ପତଞ୍ଜଲିଙ୍କର୍ ଯୋଗସୂତ୍ର ହେଉଛେ ବିଶ୍ୱ ମାନବ ସମାଜ୍‌କେ ଭାରତ୍‌ର ଗୁଟେ ବଡ଼୍ ଅବଦାନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ହେଇଥିବା ଯୋଗଦିବସ୍ ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା,  ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ, ସାଂସଦ୍ ଆର୍ ବିଧାୟକ୍‌ମାନେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜୁ ପଟ୍ଟନାୟକ୍ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଆନ୍ତର୍ଜାତୀୟ ଯୋଗଦିବସ୍ ପାଲିତ୍ ହେଇଛେ । ଇଥି ୪ ଶହ ନୁ ଅଏତ୍‌କା ଲୋକ୍ ସାମିଲ୍ ହେଇକରି ଯୋଗ କରିଥିଲେ ।

ରଥଯାତ୍ରା-ମୁଖ୍ୟମନ୍ତ୍ରୀ            ଆର୍‌ଏନ୍‌ୟୁ /ସମ୍ବଲପୁର

ରଥଯାତ୍ରାକେ ଶାନ୍ତିଶୃଙ୍ଖଲା ଆଉ ସୁରୁଖୁରୁଥି ସାର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରୀମନ୍ଦିର୍‌ର ଛତିଶା ନିଯୋଗର ସଦସ୍ୟମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ଚଲ୍‌ତିବଛର୍ ରଥଯାତ୍ରାଥି ଗୁଟେ ଦିନ ୩ ଟା ନୀତି ସହେତେ ରଥ୍‌ଯାତ୍ରା କାମ୍ ସର୍‌ବା । ଇତାକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଛତିଶାନିଯୋଗ୍‌ର ସଦସ୍ୟମାନ୍‌କୁ ଅନୁରୋଧ୍ କରିଥିଲେ । ଛତିଶା ନିଯୋଗର ସଦସ୍ୟମାନେ ପ୍ରଶାସନ୍‌କେ ପୁରା ସହଯୋଗ୍ କର୍‌ବେ ବଲି ପ୍ରତିଶ୍ରୁତି ଦେଇଛନ୍ । ଇତାର୍‌ସହେତେ ଶ୍ରୀମନ୍ଦିର୍ ଲାଗି ୫ ଶହ କୋଟି ଟଙ୍କାର୍ କର୍ପସ୍ ଫଣ୍ଡ କରିଥିବାର୍‌ନୁ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଥିଲେ । ଇ ବୈଠକ୍‌ଥି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଉ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା ଉପସ୍ଥିତ୍ ଥିଲେ ।

ସାଂସଦ୍ ଭର୍ତ୍ତୃହରି ମହତାବ                ଆର୍‌ଏନ୍‌ୟୁ /ସମ୍ବଲପୁର

କଟକ୍ ଲୋକ୍‌ସଭା ସାଂସଦ୍ ଭର୍ତ୍ତୃହରି ମହତାବ୍ ୧୮ ନମ୍ବର୍ ଲୋକ୍‌ସଭାର୍ କାମଚଲା ବାଚସ୍ପତି ଭାବେ ନିଯୁକ୍ତି ହେଇଛନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ଶ୍ରୀ ମହତାବ୍‌ଙ୍କୁ କାମଚଲା ବାଚସ୍ପତି ଭାବେ ନିଯୁକ୍ତ କରିଥିଲେ । ନୂଆଁ ବାଚସ୍ପତି ନିର୍ବାଚିତ ହେବାର୍‌ତକ୍ ଶ୍ରୀ ମହତାବ୍ ଗୃହକାର୍ଯ୍ୟ ପରିଚାଳନା କର୍‌ବେ ।

ଇତାର୍‌ସହେତେ ନୂଆଁକରି ନିର୍ବାଚିତ ହେଇଥିବା ସାଂସଦ୍‌ମାନ୍‌କୁ ଶପଥ୍ ପାଠ୍ କରାବେ ।

ଇନ ଜନେଇ ଦିଆଯାଇପାରେ ଯେ, ୧୮ ନମ୍ବର୍ ଲୋକ୍‌ସଭାର୍ ପହେଲା ଅଧିବେଶନ୍ ଆଏବା ୨୪ ତାରିଖ୍‌ନୁ ଜୁଲାଇ ୩ ତାରିଖ୍‌ତକ୍ ହେବା । ସେନ୍ତା ରାଜ୍ୟସଭାର ଅଧିବେଶନ୍ ଆଏବା ୨୭ ତାରିଖ୍‌ନୁ ଜୁଲାଇ ୩ ତାରିଖ୍‌ତକ୍ ଚାଲ୍‌ବା ବଲି ସୂଚ୍‌ନା ମିଲିଛେ ।

ଦେବସ୍ନାନ ପୂର୍ଣ୍ଣିମା        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗର ସୁରକ୍ଷା ଲାଗି ସେନାପଟା ଲାଗି ନୀତି ଚାଲିଛେ । ଇଥିର୍‌ଲାଗି ଆଏଜ୍ ସଖାଲ୍ ବେଲା ୧୧ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ମେଟ୍ରିକ୍ ସପ୍ଲିମେଂଟ୍‌ରୀ ପରୀକ୍ଷା        ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୨୪ ମେଟ୍ରିକ୍ ସପ୍ଲିମେଂଟ୍ରୀ ପରୀକ୍ଷା ଆଏବା ଜୁଲାଇ ୨୨ ତାରିଖ୍‌ନୁ ମୁଲ୍ ହେଇକରି ୩୧ ତାରିଖ୍‌ତକ୍ ଚାଲ୍‌ବା ବଲି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହରିଛେ । ସପ୍ଲିମେଂଟରୀ ଫର୍ମ ପୂରଣ୍ ଗଲା ୧୦ ତାରିଖ୍ ଦିନ ମୁଲ୍ ହେଇଥିବାର୍ ବେଲେ ଆଏଜ୍ ଶେଷ୍ ଦିନ୍ ରହିଛେ ।

ଆଇନ୍ ପାଠ୍ୟକ୍ରମ୍ ନାଁ ଲେଖା- ସାମ୍ସ ୱେବ୍‌ସାଇଟ

ଆର୍‌ଏନ୍‌ୟୁ / ସମ୍ବଲପୁର

୩ ବର୍ଷିଆ ଆଇନ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଏତ୍‌କେ ସାମ୍ସ ୱେବ୍‌ସାଇଟ୍‌ଥି ଆବେଦନ୍ କର୍‌ବାର୍‌କେ ପଡ୍‌ବା । ଇଥିର୍‌ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଆଏବା ୨୪ ତାରିଖ୍‌ନୁ ସାମ୍ସ ୱେବ୍‌ସାଇଟ୍‌ଥି ନାଁଲେଖା ଲାଗି ଆଦେବନ୍ ମୁଲ୍ ହେଇକରି ଜୁଲାଇ ୧୧ ତାରିଖ୍ ଦିନ ଆବେଦନ୍ ଶେଷ୍ ହେବା । ଜୁଲାଇ ୧୨ ତାରିଖ୍  ଦିନ ଫର୍ମ ସଂଶୋଧନ୍‌ର ସୁଯୋଗ୍ ମିଲ୍‌ବା । ସେନ୍ତା ୧୮ ତାରିଖ୍ ଦିନ ପହେଲା ଖେପ୍ ମେଧା ତାଲିକା ବାହାର୍‌ବା । ଇଥି ବଛା ହେଇଥିବା ଛାତ୍ରଛାତ୍ରୀମାନେ ୧୯ ତାରିଖ୍‌ନୁ ୨୨ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଇ ବାବ୍‌ଦେ ସବୁ ସୂଚ୍‌ନା ସାମ୍ସ ୱେବ୍‌ସାଇଟ୍‌ଥି ମିଲିପାରୁଛେ । ଇନ

ଜନେଇ ଦିଆଯାଇପାରେ ଯେ, ଆଘୋନୁ ବହୁତ୍‌ଟେ କଲେଜ୍‌ ନାଁଲେଖା ଲାଗି ନିଜେ ଦର୍‌ଖାସ୍ତ ଆହ୍ୱାନ୍‌ କରିକରି ଛାତ୍ରଛାତ୍ରୀଙ୍କୁ ବାଛୁଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍‌ ଭିନ୍‌ ଭିନ୍‌ ଜିଲ୍ଲା ନ ଆଏଜ୍‌ ଧୁକାଧନ୍ଦି ସହେତେ ବିଜ୍‌ଲି ମାରିକରି ବର୍ଷା ହେବାର୍‌ ସମ୍ଭାବନା ରହିଛେ । ଇତାକେ ନେଇକରି ଆଂଚଲିକ୍‌ ପାଣିପାଗ୍‌ ବିଜ୍ଞାନ୍‌ କେନ୍ଦ୍ର ତର୍‌ଫୁ ୨୦ ଟା ଜିଲ୍ଲାକେ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ ପାଗ୍‌ ଅନୁକୂଳ ଥିବାର୍‌ନୁ ଆଏବା ୨ ଦିନ୍‌ ଭିତ୍‌ରେ ରାଜ୍ୟର୍‌ ବଡ଼ଭାଗୀ ଜିଲ୍ଲାକେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପୁହୁଁଚିବାର୍‌ ସମ୍ଭାବନା ରହିଛେ ।